ISSN -2583-147X(P), Vol.- 9, Issue No.II, May 2023
**Bastabatara Pariprakash Prachee**
***Peer Reviewed and Referred Research Journal***

# କାବ୍ୟର ପ୍ରେରଣା ଓ ପ୍ରୟୋଜନ

**ଡକ୍ଟର ଶରତ କୁମାର ଜେନା**

କାବ୍ୟର ପ୍ରେରଣା କିଏ ଓ ଏହାର ପ୍ରୟୋଜନ କାହିଁକି ରହିଛି, ଏହି ପ୍ରଶ୍ନକୁ ନେଇ ଆଦିକାଳରୁ ଏଯାବତ୍ ଆଲୋଚକମାନଙ୍କ ମଧ୍ୟରେ ଦେଖାଦେଇଛି ବହୁ ବାଦବିବାଦ । ତଥାପି ଏହାର କୌଣସି ସ୍ପଷ୍ଟ ଉତ୍ତର ମିଳିପାରିନାହିଁ । କାରଣ ଅଧିକାଂଶ ଆଲୋଚକ 'ପ୍ରେରଣା' ଶବ୍ଦଟିକୁ ବୋଧହୁଏ ଠିକ୍ ଅର୍ଥରେ ଗ୍ରହଣ କରିନାହାନ୍ତି । ପ୍ରାୟତଃ ସେମାନେ 'ପ୍ରେରଣା' ଓ 'ପ୍ରୟୋଜନ'କୁ ଗୋଟିଏ ଅର୍ଥରେ ନେଇ ପ୍ରେରଣା ସମ୍ବନ୍ଧୀୟ ବିବେଚନକୁ ପ୍ରୟୋଜନ ସମ୍ବନ୍ଧୀୟ କଥାରେ ବ୍ୟକ୍ତ କରିଛନ୍ତି । 'ପ୍ରେରଣା'ର ସମ୍ବନ୍ଧ ସେହି ବ୍ୟକ୍ତି, ବସ୍ତୁ, ଘଟଣା ବା ଦୃଶ୍ୟରେ ରହିଥାଏ, ଯାହା କବିଙ୍କୁ କାବ୍ୟ ରଚନାରେ ପ୍ରବୃତ୍ତ କରିଥାଏ । ଅନ୍ୟ ପକ୍ଷରେ କାବ୍ୟର ପ୍ରୟୋଜନ ଯାହା ସେଥିରୁ ପ୍ରାପ୍ତ ଲାଭରୁ ହୋଇଥାଏ । ପ୍ରେରଣା ସହ ସମ୍ବନ୍ଧିତ ବିଷୟର ସ୍ଥିତି କାବ୍ୟ ରଚନାର ପୂର୍ବରୁ ରହିଥାଏ, କିନ୍ତୁ 'ପ୍ରୟୋଜନ' ସହ ସମ୍ବନ୍ଧ ରଖିବା ପଦାର୍ଥ କାବ୍ୟ ରଚନାରେ କବିଙ୍କ ଅନନ୍ତର ଉପଲବ୍ଧ ହୋଇଥାଏ । ବେଳେବେଳେ ପ୍ରେରଣା ଓ ପ୍ରୟୋଜନ ସମାନ ହୋଇଥାନ୍ତି । ଯେତେବେଳେ କବିର ପ୍ରେରଣା ସ୍ରୋତ ଆଉ କିଛି ନହୋଇ ତାଙ୍କ ରଚନାରେ ହେବାକୁ ଥିବା ଲାଭର ବିଚାର ହିଁ ହୋଇଥାଏ, ସେତେବେଳେ ସେଠାରେ କାବ୍ୟରଚନାର ପ୍ରେରଣାସ୍ରୋତ ଓ ଏହାର ପ୍ରୟୋଜନ ଦୁଇଟିକୁ ସମାନ ଭାବେ ଗଣନା କରାଯିବ । କିନ୍ତୁ ଏହି ବିଶେଷ ପରିସ୍ଥିତି ବ୍ୟତୀତ ଅନ୍ୟତ୍ର ଏହି ଦୁଇଟିର ପାରସ୍ପରିକ ପାର୍ଥକ୍ୟକୁ ଲକ୍ଷ୍ୟ କରିବା ଆବଶ୍ୟକ । ଦ୍ୱିତୀୟ କାରଣ ହେଉଛି, କାବ୍ୟ ପ୍ରେରଣା ଉପରେ ବିଚାର କରିବା ସମୟରେ କବି, ଆଲୋଚକ, ଦାର୍ଶନିକ ଓ ମନୋବିଜ୍ଞାନୀମାନଙ୍କ ପରସ୍ପର ବିରୋଧ ମନ୍ତବ୍ୟକୁ ବିଶ୍ଳେଷଣ ନକରି ଯଥାଯର୍ଥ ଦର୍ଶାଯାଉଛି, ଯୋଉଥିପାଇଁ ଏ ପ୍ରଶ୍ନ ସମାଧାନ ନ ହୋଇ ଅଧିକ କୌତୁହଳ ସୃଷ୍ଟି କରୁଛି । ତୃତୀୟତଃ, କବି ବା ସାହିତ୍ୟିକଙ୍କ ବ୍ୟକ୍ତିଗତ ରୁଚି ଓ ଦେଶ ଅନୁସାରେ ବି ତାଙ୍କର ପ୍ରେରଣା ସ୍ରୋତରେ ଭିନ୍ନତା ଦେଖାଦେଇଥାଏ । କିନ୍ତୁ ଏହାକୁ ମ୍ନ ଆଲୋଚକମାନେ ବିଶେଷ ସମ୍ମାନ ଦେଇନାହାନ୍ତି । ଚତୁର୍ଥତଃ, କାବ୍ୟର ବିଭିନ୍ନ ରୂପ ଓ ଶୈଳୀ ଅନୁସାରେ ମଧ୍ୟ ଏହାର ପ୍ରେରଣା ସ୍ରୋତ ପରସ୍ପର ଅଲଗା ହୋଇଯାଏ । ଏଣୁ କାହାଣୀ, ଉପନ୍ୟାସ, ନାଟକ ଆଦି ବିଭିନ୍ନ ପ୍ରକାର ରଚନାର ପଶ୍ଚାତ୍‌ରେ ସବୁଠି ଏକାଭଳି ପ୍ରେରଣାତତ୍ତ୍ୱ ଖୋଜିବା ଉଚିତ ନୁହେଁ । ଏ ସମ୍ପର୍କରେ ଥିବା ପ୍ରଶ୍ନକୁ ବିଚାରକମାନେ ଉପେକ୍ଷା କରିଯାଇଛନ୍ତି । ଏଣୁ କାବ୍ୟର ମୂଳ ପ୍ରେରଣାଗୁଡ଼ିକ ଉପରେ ସମ୍ୟକ ଭାବେ ବିଚାର କରିବା ନିମନ୍ତେ ଏହି ଚାରୋଟି ଅସାବଧାନତାରୁ ମୁକୁଳିବା ଆବଶ୍ୟକ ।

ଆଦିକବି ବାଲ୍ମିକୀଙ୍କ ସମ୍ବନ୍ଧରେ କୁହାଯାଏ, କୌଞ୍ଚ ବଧ ଘଟଣାରୁ ତାଙ୍କୁ କାବ୍ୟ ରଚନାର ପ୍ରେରଣା ମିଳିଥିଲା । ଏକାକୀ ପକ୍ଷୀର ଶୋକ ବିହ୍ୱଳ ଅବସ୍ଥା ଦେଖି ଶୋକାନୁଭୂତିରେ ଉଦ୍‌ବେଳିତ ହୋଇଉଠିଥିଲା କବିଙ୍କ ହୃଦୟ ଓ ଅନାୟାସରେ ଉଚ୍ଚାରିତ ହୋଇଥିଲା ଦୁଇ ପଂକ୍ତିର ଶ୍ଳୋକ । ଏହି ସାକ୍ଷ୍ୟକୁ ଆଧାର କରି ଦୁଇଟି ନିଷ୍କର୍ଷରେ ପହଞ୍ଚାଯାଇପାରେ । ପ୍ରଥମତଃ, ଜୀବନରେ ଘଟିଥିବା ପ୍ରତ୍ୟକ୍ଷ ଘଟଣାରୁ ଓ ଦ୍ୱିତୀୟତଃ ଶୋକାନୁଭୂତିରୁ କାବ୍ୟରଚନା ନିମନ୍ତେ ପ୍ରେରଣା ମିଳିଥାଏ । ତେବେ ଏହି ଦୁଇଟି ନିଷ୍କର୍ଷରୁ କାହାକୁ ଅଧିକ ମହତ୍ତ୍ୱ ଦିଆଯିବ ? ଘଟଣାକୁ ନା ଅନୁଭୂତିକୁ ? ଘଟଣାର ଅଭାବରେ ଅନୁଭୂତିର ଉଦ୍ରେକ ହୁଏନାହିଁ ଓ ଅନୁଭୂତି ଉଦ୍ରେକ ବିନା ଘଟଣା ପ୍ରଭାବଶୂନ୍ୟ ମନେ ହୋଇଥାଏ । ଏଣୁ ଦୁଇଟିର ସମାନ ମହତ୍ୱ ରହିଛି । ଜୀବନରେ ଘଟଣା ତ ବହୁତ ଆସିଥାଏ, କିନ୍ତୁ ସବୁ ଘଟଣାରେ ଏମିତି ଅନୁଭୂତି ମିଳେ ନାହିଁ, ଯେଉଁଥିରେ କାବ୍ୟ ରଚନା ନିମନ୍ତେ ପ୍ରେରଣା ମିଳିବ ।

ଏହି ଦୁଇଟି ଭିତରେ ସମନ୍ୱୟ ସ୍ଥାପିତ କରି କୁହାଯାଇପାରେ ଯେ, ମାର୍ମିକ ଘଟଣାର ଅନୁଭୂତି ହିଁ କାବ୍ୟ ରଚନାର ପ୍ରେରଣା ପ୍ରଦାନ କରିଥାଏ ।

ମହାକବି କାଳିଦାସଙ୍କ 'ମେଘଦୂତ'ର ପ୍ରେରଣା ସ୍ରୋତ ସ୍ୱୟଂ ପ୍ରିୟା ବିରହ ବୋଲି କୁହାଯାଏ । ଏଠାରେ ବି ଉପଯୁକ୍ତ କାରଣ ନିର୍ଣ୍ଣୟ କରାଯାଇପାରେ । ଗାଥାର ସପ୍ତଶତୀର ଲେଖକ ନିଜ କାବ୍ୟର ଆରମ୍ଭରେ କହିଥିଲେ ଯେ, ରସିକ ମାନଙ୍କୁ କାମଶିକ୍ଷା ପ୍ରଦାନ କରିବା କାବ୍ୟ ରଚନାର ହେତୁ ଯାହାକୁ ଆମେ ପ୍ରେରଣା ନ କହି 'ଉଦ୍ଦେଶ୍ୟ' ବୋଲି ଭାବିବା ଉଚିତ ହେବ । ଗୀତଗୋବିନ୍ଦକାର ଜୟଦେବ ମଧ୍ୟ ହରି ସ୍ମରଣ ଓ ବିଳାସ-କଳାର ଉତ୍ସୁକତା ଶାନ୍ତ କରିବା ନିଜ କାବ୍ୟର ଲକ୍ଷ୍ୟ ବୋଲି କହିଥିଲେ । ଏହା ମଧ୍ୟ କାବ୍ୟପ୍ରେରଣାର କାରଣ ନହୋଇ ଏହାର ପ୍ରୟୋଜନ ବା ଲକ୍ଷ୍ୟ ଅଟେ ।

ଓଡ଼ିଆ କାବ୍ୟକ୍ଷେତ୍ରକୁ ଲକ୍ଷ୍ୟ କଲେ ଜଣାଯାଏ, ପ୍ରାଚୀନ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ କବିମାନେ ଭିନ୍ନ ଭିନ୍ନ ଭାବରେ ପ୍ରେରିତ ହୋଇ କାବ୍ୟ ରଚନାରେ ମନୋନିବେଶ ହୋଇଛନ୍ତି । ଆଦିକବି ସାରଳା ଦାସ ନିଜ ଗ୍ରନ୍ଥମାନଙ୍କରେ ସର୍ବତ୍ର କହି ଆସିଛନ୍ତି ଯେ, ସେ କେବଳ ସାରଳାଙ୍କ ପ୍ରସାଦରୁ, ତାଙ୍କର ସ୍ୱପ୍ନାଦେଶରେ ନିଜର କୃତିମାନ ରଚନା କରିଛନ୍ତି । ସେହିପରି ବଙ୍ଗଳାରେ ସାରଳାଙ୍କ ସମସାମୟିକ କବି ବଡୁ ଚଣ୍ଡୀଦାସ ମଧ୍ୟ ତାଙ୍କ ଇଷ୍ଟଦେବୀ ବାସେଳୀଙ୍କ କୃପାରେ କବିତ୍ୱ ଲାଭ କରିଥିବା କଥା ବର୍ଣ୍ଣିତ ଅଛି । ମଧ୍ୟଯୁଗୀୟ ରମ୍ୟ ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ପ୍ରମୁଖ କବିମାନେ ନିଜ ନିଜ ଇଷ୍ଟଦେବୀଙ୍କଠାରୁ ପ୍ରେରଣା ଲାଭ କରିଥିବା ବିଷୟ ନିଜ କାବ୍ୟରେ ବର୍ଣ୍ଣନା କରିଯାଇଛନ୍ତି ।

ଉପରୋକ୍ତ ପର୍ଯ୍ୟାଲୋଚନାରୁ ସ୍ପଷ୍ଟ ବୁଝାଯାଏ ଯେ, ବିଭିନ୍ନ ଯୁଗରେ ତଥା ବିଭିନ୍ନ ବର୍ଗର କବିମାନଙ୍କ କାବ୍ୟପ୍ରେରଣାର ମୂଳାଧାର ମଧ୍ୟ ଭିନ୍ନ ଭିନ୍ନ ଅଟେ । ଏହାକୁ ନିମ୍ନୋକ୍ତ ପ୍ରକାରେ ବିଭାଜନ କରାଯାଇପାରେ । ଯଥା-

(୧) ବାହ୍ୟ ପ୍ରକୃତି ଓ ଜଗତର କୌଣସି ଦୃଶ୍ୟ, ଘଟଣା, ପରିସ୍ଥିତି ବା ଅବସ୍ଥାର ପ୍ରଭାବ

(୨) କୌଣସି ଅନ୍ୟ ବ୍ୟକ୍ତି, ଆଶ୍ରୟଦାତା, ଗୁରୁ, ଆଚାର୍ଯ୍ୟ ବା ମିତ୍ରର ପ୍ରେରଣା

(୩) କୌଣସି ବିଚାର ବା ଜୀବନଦର୍ଶନର ପ୍ରଭାବ

(୪) ଲୌକିକ ବା ଅଲୌକିକ ପ୍ରଣୟ, ବିରହ, ବା ଶୋକର ଅନୁଭୂତି ।

ବସ୍ତୁତଃ ପ୍ରଥମ ତିନୋଟି ବର୍ଗର ଉପାଦାନ ମଧ୍ୟ ସେହି ସ୍ଥିତିକୁ ପ୍ରଭାବିତ କରିଥାଏ, ଯେତେବେଳେ ସେଗୁଡ଼ିକ କବିର ଅନୁଭୂତିର ବିଷୟ ହୋଇଥାଏ । ଏଣୁ ନିଷ୍କର୍ଷରେ କୁହାଯାଇପାରେ ଯେ, ପ୍ରକୃତି, ଜଗତ, ବ୍ୟକ୍ତି ଆଦିର ସଂପର୍କକୁ ଉତ୍ପନ୍ନ ହେଉଥିବା କୌଣସି ବିଚାର ବା ଭାବର ଅନୁଭୂତି କାବ୍ୟପ୍ରେରଣାର ମୂଳସ୍ରୋତ ହୋଇଥାଏ ।

ଏଠାରେ ପ୍ରଶ୍ନ ଉଠେ ଯେ, ଆମର ସବୁ ଅନୁଭୂତିଗୁଡ଼ିକ କାହିଁକି କାବ୍ୟପ୍ରେରଣାର ରୂପ ଗ୍ରହଣ କରେ ନାହିଁ? ଏହାର ଉତ୍ତର ହେବ ଯେ, ପ୍ରତ୍ୟେକ ବ୍ୟକ୍ତିର ଅନୁଭୂତି କାବ୍ୟ ପ୍ରେରଣା ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତିଠାରେ କାବ୍ୟ ରଚନାର ପ୍ରତିଭା ଓ ଶକ୍ତି ଥାଏ ତାଙ୍କର ଅନୁଭୂତି ଗୁଡ଼ିକ କାବ୍ୟ ରଚନାର ପ୍ରେରଣା ହୋଇଥାଏ । ଏହାବ୍ୟତୀତ ଅନୁଭୂତି ଗୁଡ଼ିକର ସଘନତା ଓ ମାର୍ମିକତାର ପରିଣାମ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । କିଛି ବିଶିଷ୍ଟ ବ୍ୟକ୍ତିଙ୍କ କିଛି ବିଶେଷ ସମୟର କିଛି ବିଶେଷ ମାର୍ମିକ ଅନୁଭୂତି ମଧ୍ୟ କବିଙ୍କ ହୃଦୟକୁ କାବ୍ୟ ରଚନା ନିମନ୍ତେ ପ୍ରେରିତ କରିଥାଏ, ଏହା ମଧ୍ୟ ଏକ କାରଣ ହୋଇପାରେ ।

**ବିଭିନ୍ନ ବିଦ୍ୱାନମାନଙ୍କ ମତ :**

କାବ୍ୟ ପ୍ରେରଣା ସମ୍ବନ୍ଧରେ ବହୁ ପାଶ୍ଚାତ୍ୟ ଓ ପ୍ରାଚ୍ୟ ବିଦ୍ୱାନ୍ ନିଜର ବିଚାର ବ୍ୟକ୍ତ କରିଛନ୍ତି । ପ୍ରସିଦ୍ଧ ଦାର୍ଶନିକ ସକ୍ରେଟିସ୍ ଦୈବୀପ୍ରେରଣାକୁ କାବ୍ୟର ପ୍ରେରଣା ଭାବେ ମାନିଥିଲେ । ତାଙ୍କର ବିଚାର ଥିଲା, ଯେତେବେଳେ ଈଶ୍ୱର ଜଗତର ମନୁଷ୍ୟମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଚାହାନ୍ତି, ସେତେବେଳେ ସେ କବିଙ୍କ ବାଣୀ ମାଧ୍ୟମରେ ନିଜକୁ ବ୍ୟକ୍ତ କରୁଛନ୍ତି । ସମ୍ଭବତଃ ଏହି ବିଚାରରେ କବିମାନଙ୍କ ଓ ତାଙ୍କ କବିତାର ଗୌରବ ବୃଦ୍ଧି ହୋଇଥାଏ । କିନ୍ତୁ ଏଥିରୁ କାବ୍ୟ ପ୍ରେରଣା ସମ୍ବନ୍ଧୀୟ ପ୍ରଶ୍ନର କୌଣସି ଯଥାର୍ଥ ଉତ୍ତର ମିଳେ ନାହିଁ । ସବୁ କବିତାର ପଛରେ ଦୈବୀ ପ୍ରେରଣା ହୋଇଥାଏ, ତେବେ କାବ୍ୟ କ୍ଷେତ୍ରରେ ଅନେକ ଅଶ୍ଳୀଳ, ଅପବିତ୍ର ଏବଂ କାମୁକତାପୂର୍ଣ୍ଣ ଦୃଶ୍ୟ ଦୃଷ୍ଟିଗୋଚର ହୋଇ ନଥାନ୍ତା କିମ୍ବା କବିତା ନାମରେ ଅକବିତା ସୃଷ୍ଟି ହୋଇନଥାନ୍ତା । ସକ୍ରେଟିସ୍‌ଙ୍କ ଶିଷ୍ୟ ପ୍ଳାଟୋ ଓ ପ୍ରଶିଷ୍ୟ ଆରିଷ୍ଟଟଲ୍ ଅନୁକରଣ ବୃତ୍ତିକୁ କାବ୍ୟପ୍ରେରଣାର ଆଧାର ବୋଲି କହିଥିଲେ । ସମ୍ଭବତଃ ନାଟକ ସୃଷ୍ଟିମୂଳରେ ଅନୁକରଣ ପ୍ରବୃତ୍ତିକୁ ସ୍ୱୀକାର କରାଯାଇପାରେ, କିନ୍ତୁ

କାବ୍ୟର ଅନ୍ୟାନ୍ୟ ଅଙ୍ଗ ଯଥା, କବିତା, କାହାଣୀ, ଉପନ୍ୟାସ ଆଦି କ୍ଷେତ୍ରରେ ଏହା ଉଚିତ ମନେହୁଏ ନାହିଁ । ଅନୁକରଣ କୌଣସି ପ୍ରସ୍ତୁତ ବସ୍ତୁ, ରୂପ ବା ଧ୍ୱନିକୁ କରାଯାଏ । କାବ୍ୟକୃତିଗୁଡ଼ିକର ନିର୍ମାଣ କେବଳ ସବୁବେଳେ ମୌଳିକ ହୋଇଥାଏ । ଏଣୁ ଏହି ମତକୁ ମଧ୍ୟ ଗ୍ରହଣ କରାଯାଇନପାରେ ।

ପ୍ରସିଦ୍ଧ ବିଚାରକ ହେଗେଲ୍‌ଙ୍କ ମତରେ ସୌନ୍ଦର୍ଯ୍ୟ, ପ୍ରେମ ଓ ଆତ୍ମାଭିବ୍ୟକ୍ତିର ପ୍ରବୃତ୍ତି କାବ୍ୟରଚନାର ମୂଳପ୍ରେରଣା ହୋଇଥାଏ । ଅଭିବ୍ୟଞ୍ଜନାବାଦର ପ୍ରବର୍ତ୍ତକ କ୍ରୋଚେ ମଧ୍ୟ ଆତ୍ମାଭିବ୍ୟଞ୍ଜନାକୁ କାବ୍ୟପ୍ରେରଣା ଭାବେ ମାନିଥିଲେ । ସେହିପରି ଭାରତୀୟ ବିଦ୍ୱାନମାନଙ୍କ ମଧ୍ୟରେ ରବୀନ୍ଦ୍ରନାଥ ଟାଗୋର ଏହି ମତକୁ ସମର୍ଥନ କରି ଲେଖିଥିଲେ- "ଆମର ମନରେ ଓ ଭାବନାରେ ଥିବା ଏହି ସ୍ୱାଭାବିକ ପ୍ରବୃତ୍ତି, ଯାହା ଅନେକ ହୃଦୟରେ ନିଜକୁ ଅନୁଭୂତ କରୁଥାଏ । x x x ହୃଦୟ ଜଗତ ନିଜକୁ ବ୍ୟକ୍ତ କରିବା ନିମନ୍ତେ ଅହରହ ଆକୁଳ ହୋଇଥାଏ । ଏଣୁ ଚିରକାଳରୁ ମନୁଷ୍ୟର ହୃଦୟ ସାହିତ୍ୟର ବେଗ ହୋଇଥାଏ ।"

ହିନ୍ଦୀର ପ୍ରସିଦ୍ଧ ଆଲୋଚକ ଏବଂ ବିଦ୍ୱାନ ଶ୍ରୀ ନନ୍ଦଦୁଲାରେ ବାଜପେୟୀ ଏହି ପ୍ରଶ୍ନ ସମ୍ପର୍କରେ ବିସ୍ତାର ଭାବରେ ବିଚାର ବ୍ୟକ୍ତ କରି କହିଛନ୍ତି - 'କାବ୍ୟର ପ୍ରେରଣା ଅନୁଭୂତିରୁ ମିଳିଥାଏ । ଏହା ସ୍ୱତଃ ଏକ ଅନୁଭୂତ ତଥ୍ୟ ଅଟେ । ଗୋସ୍ୱାମୀ ତୁଳସୀ ଦାସ ରାମଚରିତ ମାନସ ରଚନା କରିବା ସମୟରେ ଲେଖିଥିଲେ- "ସ୍ୱାନ୍ତଃ ସୁଖାୟ ତୁଳସୀ ରଘୁନାଥଗାଥା ଭାଷାନିବନ୍ଧମତି-ମଞ୍ଜୁଳ-ମାତଦୋତି ।" ସ୍ୱାନ୍ତଃ ସୁଖାୟ, ଅର୍ଥାତ୍ ଆତ୍ମାନୁଭୂତି ଯୋଉଥିରୁ କବିଙ୍କୁ ପ୍ରେରଣା ମିଳିଥାଏ । ରସବାଦୀମାନେ ବିଭାବ, ଅନୁଭବ ଓ ସଞ୍ଚାରୀ ଭାବରୁ କାବ୍ୟ ସୃଷ୍ଟି ହୁଏ ବୋଲି ମତବ୍ୟକ୍ତ କରିଛନ୍ତି ।

ଅତଏବ ଭିନ୍ନ ଭିନ୍ନ ଆଳଙ୍କାରିକମାନେ କେତେବେଳେ ଆତ୍ମାଭିବ୍ୟଞ୍ଜନାକୁ, କେତେବେଳେ ଅନୁଭୂତିକୁ ପୁଣି କେତେବେଳେ ଆତ୍ମ ବିସ୍ତାରକୁ କାବ୍ୟର ପ୍ରେରଣା ଭାବେ ଗ୍ରହଣ କରି ଆସିଛନ୍ତି । ଏହି ତିନୋଟି ଶବ୍ଦ ପରସ୍ପର ମଧ୍ୟରେ ସ୍ଥୂଳ ଦୃଷ୍ଟିରେ ପ୍ରଭେଦ ଥିଲେ ମଧ୍ୟ ସୂକ୍ଷ୍ମ ଦୃଷ୍ଟିରେ ଗୋଟିଏ ଅର୍ଥର ଦ୍ୟୋତକ ହୋଇଥାନ୍ତି । ଅନୁଭୂତିରୁ ହିଁ ଆତ୍ମାଭିବ୍ୟକ୍ତି ହୋଇଥାଏ । କାରଣ ଅନୁଭୂତି ନଥିଲେ ଆତ୍ମାଭିବ୍ୟକ୍ତି କିପରି ହେବ ? ତେଣୁ ଭାବାନୁଭୂତି ଓ ଆତ୍ମାଭିବ୍ୟକ୍ତିରେ ହିଁ ହୃଦୟର ବିସ୍ତାର ହୋଇଥାଏ ଓ ଏହି ତିନୋଟି ମତ ଭାବାନୁଭୂତିର ପୋଷକ ହୋଇଥାନ୍ତି ।

**ମନସ୍ତାତ୍ତ୍ୱିକମାନଙ୍କ ମତ :**

କାବ୍ୟ ପ୍ରେରଣା ସମ୍ପର୍କରେ ବିଭିନ୍ନ ମନସ୍ତତ୍ତ୍ୱବିଦ ବହୁ ମୌଳିକ ବକ୍ତବ୍ୟ ପ୍ରଦାନ କରିଛନ୍ତି । ଫ୍ରୟେଡ୍ ଅତୃପ୍ତ କାମନା-ବାସନାକୁ ହିଁ କାବ୍ୟପ୍ରେରଣା ବୋଲି ମାନିଥିଲେ । ଆମ ହୃଦୟରେ ଥିବା ଅବଦମିତ କାମନା ନିଜ ବିକାଶର ମାର୍ଗ ଖୋଜି ଖୋଜି କାବ୍ୟ ବା କଳାସୃଷ୍ଟିରେ ସହାୟକ ହୋଇଥାଏ । ଫ୍ରୟେଡ୍‌ଙ୍କ ଶିଷ୍ୟ ଏଡ୍‌ଲର କହିଥିଲେ ଯେ- ହୀନମନ୍ୟତା ଭାବନା ହିଁ କାବ୍ୟପ୍ରେରଣାର ସ୍ରୋତ । ତାଙ୍କ ବିଚାର ଅନୁସାରେ ମଣିଷ ନିଜ ଅଭାବ ଓ ନ୍ୟୁନତାଗୁଡ଼ିକର ପୂର୍ତ୍ତି ସାହିତ୍ୟ ମାଧ୍ୟମରେ କରିଥାଏ । ୟଙ୍ଗଙ୍କ ବିଚାର ଅନୁସାରେ ମଣିଷର ସମ୍ପୂର୍ଣ୍ଣ କ୍ରିୟାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ନିଜ ଅସ୍ତିତ୍ୱ ରକ୍ଷା କରିବା । ସାହିତ୍ୟ ହେଉଛି ମଣିଷର ଆତ୍ମରକ୍ଷା ପ୍ରବୃତ୍ତିର ପରିଣାମ । ବସ୍ତୁତଃ ଏହି ବିଦ୍ୱାନମାନେ ସାହିତ୍ୟକୁ ଗୋଟିଏ ସଙ୍କୁଚିତ ଦୃଷ୍ଟିକୋଣରେ ଦେଖି ନିଜ ମତ ସାବ୍ୟସ୍ତ କରିଛନ୍ତି । ଯଦି ଆମେ ସେମାନଙ୍କର ମାନ୍ୟତାଗୁଡ଼ିକୁ ବ୍ୟାପକ ଭାବରେ ଗ୍ରହଣ କରିବା, ତେବେ ସେମାନଙ୍କର ନିଷ୍କର୍ଷ ଠିକ୍ ଅର୍ଥର ଦ୍ୟୋତକ ହୋଇପାରିବ । ଫ୍ରୟେଡ୍ ଯାହାକୁ 'ଅତୃପ୍ତ ବାସନାଗୁଡ଼ିକର ତୃପ୍ତି' କହିଥିଲେ ତାକୁ ଯଦି ଅବ୍ୟକ୍ତ ଭାବନାର ଅଭିବ୍ୟକ୍ତି କୁହାଯାଏ କିମ୍ବା ଏଡ୍‌ଲରଙ୍କର 'ହୀନଭାବନା'ର ପୂର୍ତ୍ତି ସ୍ଥାନରେ 'ସଙ୍କୁଚିତ ଭାବନାର ବିସ୍ତାର' ଅଥବା ୟଙ୍ଗଙ୍କ 'ଆତ୍ମରକ୍ଷା' ରେ ଆତ୍ମାର ଅର୍ଥ 'ସୂକ୍ଷ୍ମ ଭାବଲୋକ' ଭାବରେ ଗ୍ରହଣ କଲେ ଏହାର ବ୍ୟାଖ୍ୟା ଠିକ୍ ହୋଇପାରିବ ବୋଲି ମନେହୁଏ ।

**କାବ୍ୟର ବିଭିନ୍ନ ରୂପ ଓ କାବ୍ୟ ପ୍ରେରଣା :**

ଲକ୍ଷ୍ୟକଲେ ଜଣାଯାଏ, ବିଭିନ୍ନ କବିଙ୍କ କାବ୍ୟପ୍ରେରଣାର ସ୍ଥୂଳ ଆଧାର ଗୁଡ଼ିକ ପରସ୍ପର ଅଲଗା ହୋଇଥାଏ । ସେମିତି କାବ୍ୟରୂପର ମୂଳ ପ୍ରେରଣା ଭୌତିକ ରୂପରେ ମଧ୍ୟ ଭିନ୍ନ ହୋଇଥାଏ । ଯେମିତିକି ପ୍ରବନ୍ଧ କାବ୍ୟଗୁଡ଼ିକ ମୁଖ୍ୟତଃ ନାୟକ ଚରିତ୍ରର ଗୁଣଗାନ ଦିଗରେ ପ୍ରେରିତ ହୋଇଥିବା ବେଳେ ମୁକ୍ତକ କାବ୍ୟ ଓ ଗୀତିକାବ୍ୟରେ ରଚୟିତାର ସ୍ୱାନୁଭୂତି ଗୁଡ଼ିକର ପ୍ରେରଣା ଅଧିକ ସଶକ୍ତ ହୋଇଥାଏ । ଉପନ୍ୟାସ ଓ କାହାଣୀରେ ଲେଖକର ଅନ୍ତର ଅପେକ୍ଷା ବାହ୍ୟ ଜଗତର ପ୍ରଭାବର ପ୍ରେରଣା ହୋଇଥିବା ବେଳେ ନିବନ୍ଧ ଓ ସମାଲୋଚନାରେ ନିଜ ବିଚାରବୋଧର ଲକ୍ଷ୍ୟ ମୁଖ୍ୟ ହୋଇଥାଏ । ଏଣୁ ବ୍ୟକ୍ତି ଓ ବିଷୟ ଅନୁସାରେ କାବ୍ୟ ପ୍ରେରଣାର ଅସଂଖ୍ୟ ସ୍ଥୂଳ ଆଧାର ଖୋଜା ଯାଇପାରେ, କିନ୍ତୁ ସୂକ୍ଷ୍ମ

ରୂପରେ ସମସ୍ତେ ଭାବାନୁଭୂତିକୁ ହିଁ ଖୋଜିଥାନ୍ତି । ଭାବନା ହେଉଛି କାବ୍ୟର ଶକ୍ତି ଓ ଏହି ଶକ୍ତିର ପ୍ରେରଣା ବିନା କୌଣସି ବିଚାର ବା ତର୍କ ଗତିଶୀଳ ହୋଇ କାବ୍ୟରୂପ ଧାରଣ କରିପାରେ ନାହିଁ । ଏଣୁ ମୋ ବିଚାର ଅନୁସାରେ ଯେ କୌଣସି ପ୍ରକାର ଭାବାନୁଭୂତି କବିଙ୍କୁ ଅଭିବ୍ୟକ୍ତି ନିମନ୍ତେ ପ୍ରେରଣା ଦେଇଥାଏ ଓ ତାଙ୍କର ଏହି ଅଭିବ୍ୟକ୍ତି ହିଁ କବିତାର ରୂପ ଧାରଣ କରିଥାଏ ।

**କାବ୍ୟର ପ୍ରୟୋଜନ :**

କାବ୍ୟର ପ୍ରୟୋଜନକୁ ନେଇ ଦୁଇ ପ୍ରକାର ଆଲୋଚନା କରାଯାଇପାରେ । କବି କାହିଁକି କାବ୍ୟ ରଚନା କରେ ଓ ପାଠକ କାହିଁକି କାବ୍ୟର ଅନୁଶୀଳନ କରିଥାଏ । ପ୍ରାୟତଃ ବିଦ୍ୱାନମାନେ ଏହା ସମ୍ପର୍କରେ ବିଚାର କରି ଦୁଇଟି ପକ୍ଷକୁ ମିଶେଇ ଦେଇଛନ୍ତି । କିନ୍ତୁ ଏହା ହୋଇନପାରେ । କବି ଓ ପାଠକ ଦୁହିଁଙ୍କର କାବ୍ୟ ପ୍ରୟୋଜନ କ୍ଷେତ୍ରରେ ଅନେକ କିଛି ପ୍ରଭେଦ ରହିଛି । ଏଣୁ ଆମେ କବିଙ୍କ ଦୃଷ୍ଟିକୋଣକୁ ବିଚାର କରିବା ଆବଶ୍ୟକ । 'କାବ୍ୟ ପ୍ରକାଶ'ର ରଚୟିତା ମମ୍ମଟ ନିଜ ଗ୍ରନ୍ଥରେ କାବ୍ୟ ନିର୍ମାଣର ପ୍ରୟୋଜନୀୟତା ସମ୍ପର୍କରେ କହିଛନ୍ତି:-

କାବ୍ୟଂ ଯଶସେଽର୍ଥକୃତେ
ବ୍ୟବହାରବିଦେ ଶିବେତରକ୍ଷତୟେ ।
ସଦ୍ୟଃ ପରନିର୍ବୃତୟେ କାନ୍ତା-
ମସ୍ମିତତୟୋପଦେଶଯୁଜେ ॥ (କାବ୍ୟପ୍ରକାଶ ୧/୨)

ଅର୍ଥାତ୍ ଯଶପ୍ରାପ୍ତି, ସମ୍ପତ୍ତି ଲାଭ, ସାମାଜିକ ବ୍ୟାବହାରିକ ଶିକ୍ଷା, ରୋଗାଦି ବିପତ୍ତିଗୁଡ଼ିକର ନାଶ, ତୁରନ୍ତ ହିଁ ଉଚ୍ଚକୋଟିର ଆନନ୍ଦର ଅନୁଭବ ଓ ପ୍ରେୟସୀ ଭଳି ମଧୁର ଉପଦେଶ ଦେବା ନିମନ୍ତେ କାବ୍ୟ ଉପାଦେୟ (ପ୍ରୟୋଜନୀୟ) ଅଟେ ।

ଉପରୋକ୍ତ ଶ୍ଳୋକକୁ ଆଧାର କରି କାବ୍ୟର ନିମ୍ନଲିଖିତ ପ୍ରୟୋଜନଗୁଡ଼ିକୁ ସ୍ୱୀକାର କରାଯାଇପାରେ ।

**୧. ଯଶ ପ୍ରାପ୍ତି :**

ପ୍ରାୟତଃ କବିମାନେ ଯଶପ୍ରାପ୍ତି ଉଦ୍ଦେଶ୍ୟରେ ହିଁ କାବ୍ୟ ରଚନାରେ ପ୍ରବୃତ୍ତି ହୋଇଥାନ୍ତି । କିଛି ମହାନ୍ କବି ଏମିତି ହୋଇଥାନ୍ତି, ଯେଉଁମାନଙ୍କର ଉଦ୍ଦେଶ୍ୟ ପ୍ରଥମରେ ହୁଏତ ଯଶପ୍ରାପ୍ତି ନିମନ୍ତେ ନ ହୋଇ ଥାଇପାରେ, କିନ୍ତୁ କାବ୍ୟ ରଚନା ଶେଷ ବେଳକୁ ସେ ନିଜ ରଚନାର ପ୍ରଶଂସା ଅବଶ୍ୟ ଚାହିଁଥାନ୍ତି । Aœ ÛRüe Kþ÷-ÜAQò Fame is the last Infirmity of noble minds. (ପ୍ରସିଦ୍ଧି ବଡ଼ଲୋକମାନଙ୍କର ସବୁଠାରୁ ଶେଷ ଦୁର୍ବଳତା) ଏକଥା କବି ଓ ସାହିତ୍ୟିକମାନଙ୍କୁ ମଧ୍ୟ ଲାଗୁ ହୋଇଥାଏ ।

**୨. ଅର୍ଥ ପ୍ରାପ୍ତି :**

କାବ୍ୟର ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ପ୍ରୟୋଜନ ହେଉଛି ଅର୍ଥ ବା ଧନ । ମଧ୍ୟଯୁଗରେ ଅଧିକାଂଶ ଦରବାରୀ କବିମାନେ ଧନପ୍ରାପ୍ତି ଉଦ୍ଦେଶ୍ୟରେ ହିଁ ନିଜର ଆଶ୍ରୟଦାତାଙ୍କୁ ପ୍ରଶଂସା କରି କାବ୍ୟ ଲେଖୁଥିଲେ । ହିନ୍ଦୀ କବି ବିହାରୀଲାଲ, ପ୍ରତ୍ୟେକ ଦୋହା ନିମନ୍ତେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ପାଉଥିଲେ । ଆଧୁନିକ ଯୁଗର ବହୁ କବିଙ୍କ ଉପରେ ଏହି କଥା ଲାଗୁ ହୋଇଥାଏ ।

**୩. ବ୍ୟବହାର ଜ୍ଞାନ :**

ଅନେକ କବି ନିଜର ନିକଟ ସମ୍ବନ୍ଧୀୟ, ମିତ୍ର ବା ପୁତ୍ରାଦିଙ୍କୁ ନୀତି ଓ ବ୍ୟାବହାରିକ ଶିକ୍ଷାଦେବା ନିମନ୍ତେ କାବ୍ୟ ରଚନା କରିଥାନ୍ତି ।

**୪. ଲୋକହିତ:**

ନିଜ ସମକାଳୀନ ଯୁଗ ଓ ସମାଜକୁ ଅନିଷ୍ଟରୁ ବଞ୍ଚାଇବା ନିମନ୍ତେ ମଧ୍ୟ କାବ୍ୟ ରଚନା କରାଯାଇଥାଏ । 'କୁରୁକ୍ଷେତ୍ର'ର ରଚୟିତା ଦିନକର ନିଜ କାବ୍ୟରେ ବିଶ୍ୱକୁ ଯୁଦ୍ଧ ଭଳି ଅନିଷ୍ଟରୁ ବଞ୍ଚାଇବା ନିମନ୍ତେ ଶାନ୍ତିର ସନ୍ଦେଶ ଦେଇଥିଲେ ।

**୫. ଆତ୍ମଶାନ୍ତି :**

କାବ୍ୟ ରଚନା ପରେ କବିମାନେ ଅପୂର୍ବ ଶାନ୍ତି ଓ ଆନନ୍ଦ ଅନୁଭବ କରିଥାନ୍ତି । ଏହାକୁ କାବ୍ୟର ପ୍ରୟୋଜନ ବୋଲି ସ୍ୱୀକାର କରାଯାଇପାରେ ।

**୬. କାନ୍ତା-ସମ୍ମିତି ଉପଦେଶ :**

ନିଜର ଉପଦେଶ, ବିଚାର ବା ସିଦ୍ଧାନ୍ତକୁ ମର୍ମସ୍ପର୍ଶୀ କରିବା ପାଇଁ କାବ୍ୟର ମାଧ୍ୟମ ନିଆଯାଇଥାଏ । କବୀର, ନାନକ ଆଦି ସନ୍ଥ କବିମାନେ ନିଜର ବିଚାରର ମାଧ୍ୟମ କବିତାରେ କରିଥିଲେ ।

କାବ୍ୟର ପ୍ରୟୋଜନ ସମ୍ପର୍କରେ ଭିନ୍ନଭିନ୍ନ କବି ଓ ଆଲୋଚକମାନେ ଭିନ୍ନ ଭିନ୍ନ ମତ ପୋଷଣ କରି ଆସିଛନ୍ତି । ସେମାନଙ୍କୁ ଦୁଇଟି ବର୍ଗରେ ବିଭାଜିତ କରାଯାଇପାରେ । ପ୍ରଥମତଃ, ବାସ୍ତବବାଦୀ ଦୃଷ୍ଟିକୋଣରୁ ବିଚାର କରୁଥିବା ଆଲୋଚକମାନେ କାବ୍ୟରେ କଣ ପ୍ରୟୋଜନ ଏହାକୁ ନେଇ ଆଲୋଚନା କରିଛନ୍ତି । ଦ୍ୱିତୀୟତଃ ଆଦର୍ଶବାଦୀ ଦୃଷ୍ଟିକୋଣରୁ ବିଚାର କରୁଥିବା ଆଲୋଚକମାନଙ୍କ ମତରେ କାବ୍ୟର ପ୍ରୟୋଜନ କ'ଣ ହେବା ଉଚିତ ? କବିଙ୍କର ପ୍ରୟୋଜନ କଣ ହୋଇଥାଏ ଓ କ'ଣ ହେବା

ଆବଶ୍ୟକ- ଏହା ଦୁଇଟି ଅଲଗା ଅଲଗା ପ୍ରଶ୍ନ । ପ୍ରଥମ ପ୍ରଶ୍ନର ଉତ୍ତରରେ ପ୍ରାୟତଃ ବିଦ୍ୱାନମାନେ ଏକମତ ହୋଇସାରିଛନ୍ତି । କିନ୍ତୁ ଦ୍ୱିତୀୟ ପ୍ରଶ୍ନକୁ ନେଇ ସନ୍ଦୀହାନ । କାରଣ ପ୍ରତ୍ୟେକ ପାଠକ ଓ ଆଲୋଚକ ସବୁବେଳେ ନିଜସ୍ୱ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇଥାଏ । ଜଣେ ସମାଜ ସଂସ୍କାରକ ପାଠକ କବିଠାରୁ ସଂସ୍କାର କଥା ଆଶା କଲା ବେଳେ ଜଣେ ସାମ୍ୟବାଦୀ ସମର୍ଥକ କବିତାରେ ସାମାଜିକ କ୍ରାନ୍ତି ପ୍ରୟୋଜନ ବୋଲି ମନେ କରିବ । ଏହିଭଳି ବିଭିନ୍ନ ଧର୍ମ ସମ୍ପ୍ରଦାୟ ଓ ରାଜନୀତିକ ଦଳର ସଞ୍ଚାଳକମାନେ କବିଙ୍କୁ ନିଜ ନିଜ ଆବଶ୍ୟକତା ଅନୁରୂପ ପରାମର୍ଶ ଦେଇପାରନ୍ତି । ଏଣୁ ସାମଗ୍ରିକ ଭାବେ କୁହାଯାଇପାରେ ଯେ, କାବ୍ୟ ପ୍ରୟୋଜନ କ'ଣ ହେବା ଆବଶ୍ୟକ ? କେମିତି ହେବା ଆବଶ୍ୟକ ନୁହେଁ । ଅନ୍ତିମ ନିର୍ଣ୍ଣୟ ନେବା ପୂର୍ବରୁ ପାଶ୍ଚାତ୍ୟ ଆଲୋଚକମାନଙ୍କ ମନ୍ତବ୍ୟକୁ ଆଲୋଚନା କରାଯାଇପାରେ ।

**ପାଶ୍ଚାତ୍ୟ ବିଦ୍ୱାନମାନଙ୍କ ମନ୍ତବ୍ୟ :**

ପାଶ୍ଚାତ୍ୟ ଦେଶରେ କାବ୍ୟକୁ କଳା ଭାବରେ ଗ୍ରହଣ କରି ଏହାର ପ୍ରୟୋଜନ ସମ୍ବନ୍ଧରେ ବହୁ ଆଲୋଚକ ମତ ରଖିଛନ୍ତି । ସେଗୁଡ଼ିକ ହେଲା - (୧) କଳା ପାଇଁ କଳା, (୨) ଜୀବନ ପାଇଁ କଳା, (୩) ଜୀବନରୁ ପଳାୟନ ନିମନ୍ତେ କଳା, (୪) ଜୀବନରେ ପ୍ରବିଷ୍ଟ ହେବା ନିମନ୍ତେ କଳା, (୫) ସେବା ପାଇଁ କଳା, (୬) ଆତ୍ମାନୁଭୂତି ପାଇଁ କଳା, (୭) ଆନନ୍ଦ ପାଇଁ କଳା, (୮) ବିନୋଦ ପାଇଁ କଳା, (୯) ସର୍ଜନର ଅଦମ୍ୟ ଆବଶ୍ୟକତା ପୂର୍ତ୍ତି ନିମନ୍ତେ କଳା ।

'କଳା ପାଇଁ କଳା'- ଏହି ମତକୁ ସମର୍ଥନ କରୁଥିବା ପ୍ରବର୍ତ୍ତକମାନଙ୍କ ମଧ୍ୟରେ ଏ.ସି.ବ୍ରେଡ୍‌ଲେ, ଓସ୍କାର ୱାଇଲଡ୍, ଜି.ଇ.ସ୍ପିନ୍‌ଗାର୍ନ ପ୍ରମୁଖ ଅଟନ୍ତି । ସେମାନଙ୍କ ମତାନୁସାରେ କଳା ବା କଳାକାରର ଏକମାତ୍ର ଲକ୍ଷ୍ୟ ହେଉଛି ସୌନ୍ଦର୍ଯ୍ୟ ସୃଷ୍ଟି କରିବା । ଏଣୁ କଳାକାରଠାରୁ ନୀତି, ଧର୍ମ, ଉପଦେଶ ପ୍ରଦାନ ଆଦି ଆଶା କରିବା ଅନୁଚିତ । ଜି.ଇ.ସ୍ପିନ୍‌ଗାର୍ନଙ୍କ ମତରେ - "we have done with all moral judgiment of art. some said that poetry was mean to instuct, some merely to please. some to do both. Romantic Criticisn first enunciated the principle hat art has no aim except expression that its aim is complete when expression is complete, that beuaty has its own excuse for being." ଅର୍ଥାତ୍ କଳାକୁ ନୈତିକ ଦୃଷ୍ଟିରେ ପରୀକ୍ଷା କରିବାର ପରମ୍ପରାକୁ ଆମେ ସମାପ୍ତ କରିଦେଲୁ । କିଛି ଆଲୋଚକ କହୁଥିଲେ ଯେ, କବିତାର ଉଦ୍ଦେଶ୍ୟ କେବଳ ଶିକ୍ଷା ପ୍ରଦାନ କରିବା, ଆଉ କିଛିଙ୍କ ମତରେ କବିତା କେବଳ ଆନନ୍ଦ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ଏବଂ ଆଉ କିଛି ଲୋକ ଏ ଦୁଇଟି ଉପରେ ଗୁରୁତ୍ୱ ଦେଉଥିଲେ । କିନ୍ତୁ ରୋମାଣ୍ଟିକ୍ ସମୀକ୍ଷା ପଦ୍ଧତି ସବୁଠୁ ପ୍ରଥମେ ଏହି ସିଦ୍ଧାନ୍ତ ସ୍ଥାପିତ କରିଥିଲା ଯେ, କଳାର ଲକ୍ଷ୍ୟ କେବଳ ଅଭିବ୍ୟକ୍ତି ଅଟେ । ଅଭିବ୍ୟକ୍ତି ପୂର୍ଣ୍ଣ ହେବାମାତ୍ରେ କଳାର ଲକ୍ଷ୍ୟ ପୂର୍ଣ୍ଣ ହୋଇଥାଏ । ଏହି ମତାନୁସାରେ ଜଣେ କଳାକାର ବା କବି ସମସ୍ତ ବାହ୍ୟ ବନ୍ଧନରୁ ମୁକ୍ତ । କଳାର ସର୍ବପ୍ରଥମ ଲକ୍ଷ୍ୟ କଳାକୁ ଗ୍ରହଣ କରାଯାଏ । ତଥାପି ଏହାର ସମ୍ବନ୍ଧ କିଛି ଅନ୍ୟାନ୍ୟ କଥାରେ ନିହିତ ଅଛି । ଜଣେ କଳାକାର ଯେତେବେଳେ କୌଣସି କଳାକୃତିକୁ ନିର୍ମାଣ କରେ, ତେବେ ତାହାର ଲକ୍ଷ୍ୟ ପୁରା ହୋଇଯାଏ । ତଥାପି ସେ ତାର ରଚନାକୁ ପ୍ରକାଶକଙ୍କ ପାଖକୁ ପଠେଇଥାଏ କାହିଁକି ? କବି ବା ଲେଖକ ନିଜ ରଚନାକୁ ନିଜ ଭିତରେ କାହିଁକି ସୀମିତ ରଖନ୍ତି ନାହିଁ ? ଅବଶ୍ୟ ଏଥିରେ ଯଶପ୍ରାପ୍ତି, ଧନପ୍ରାପ୍ତି ବା ଅନ୍ୟ କିଛି ପ୍ରାପ୍ତିର ଆଶା ରହିଥାଏ । ଏଣୁ କଳାର ପ୍ରୟୋଜନ କଳା ପାଇଁ ହେଲେ ମଧ୍ୟ, କଳାକାରର ପ୍ରୟୋଜନ ତାଠାରୁ ଟିକିଏ ଭିନ୍ନ ହୋଇଥାଏ । ଉଦାହରଣତଃ ଗୋଟିଏ ସଡ଼କରେ ଲକ୍ଷ୍ୟ ଦିଲ୍ଲୀ ହୋଇପାରେ, କିନ୍ତୁ ସେଇ ସଡ଼କରେ ଚାଲୁଥିବା ପଥିକର ଲକ୍ଷ୍ୟ ଦିଲ୍ଲୀ ନ ହୋଇ ସେଇ କାର୍ଯ୍ୟ ହୋଇଥାଏ ଯାହା ଦିଲ୍ଲୀରେ ହିଁ ସମ୍ପନ୍ନ ହୋଇଥାଏ । ଅତଏବ କଳାପାଇଁ 'କଳା'ର ଅର୍ଥ 'କଳା ପାଇଁ କଳାକାର' ନୁହେଁ । ଆମର ପ୍ରଶ୍ନ କଳାକାରର ପ୍ରୟୋଜନ ସମ୍ବନ୍ଧିତ, ଯାହାର ଉତ୍ତର ଏଠାରେ ମିଳେ ନାହିଁ ।

ଦ୍ୱିତୀୟ ମତ 'ଜୀବନ ପାଇଁ କଳା'ରେ ଜୀବନ କାହାର ? ଏହି ପ୍ରଶ୍ନ ଉଠେ । ଲେଖକର ନା ପାଠକର ? ଜୀବନର ସମ୍ବନ୍ଧ ଖାଦ୍ୟ, ବସ୍ତ୍ର ଓ ବାସଗୃହ ସହ ମଧ୍ୟ ରହିଛି, ଯାହା ଧନ ମାଧ୍ୟମରେ ପ୍ରାପ୍ତ ହୋଇଥାଏ । ତେବେ ଅପରପକ୍ଷରେ ଉଚ୍ଚକୋଟିର ବିଚାର, ଭାବନା ଓ ସୌନ୍ଦର୍ଯ୍ୟରେ ମଧ୍ୟ ମିଳିଥାଏ । ଅନେକ ପାଶ୍ଚାତ୍ୟ ବିଦ୍ୱାନ ଏସବୁ ଆଢୁଆଳରେ କବିତାର ଲକ୍ଷ୍ୟ ନୈତିକତା, ଉପଯୋଗିତା ଆଦି କଥା କହିଛନ୍ତି । ତେବେ ପ୍ରଶ୍ନ ହେଉଛି ସମାଜକୁ ନୀତିଶିକ୍ଷା ଦେଲେ କବିଙ୍କୁ କ'ଣ ମିଳିଥାଏ ? ବସ୍ତୁତଃ ଏହି ମତର ପ୍ରଚାରକ 'ଜୀବନ'ର ଅର୍ଥ 'ଜୀବନର କଷ୍ଟ' ମନେ କରନ୍ତି । ତାଙ୍କ ବିଚାର ଅନୁସାରେ, ଯେଉଁମାନେ ସଂସାରର ବିଷମତା ଓ କଠିନତାକୁ ସାମ୍ନା କରିପାରନ୍ତି ନାହିଁ, ସେମାନେ କାବ୍ୟ ଉପବନରେ ଶରଣ ନେଇଥାନ୍ତି କିମ୍ବା ଅଲଗା ଶବ୍ଦରେ ନିଜ ଦୁଃଖକୁ ଭୁଲିବା ପାଇଁ କାବ୍ୟ ରଚନା କରିଥାନ୍ତି । ଏହି ମତର ସମର୍ଥନରେ

ରାଧାମୋହନ ଗଡ଼ନାୟକଙ୍କ କବିତାକୁ ଲକ୍ଷ୍ୟ କରାଯାଇପାରେ-

କବି ହେବା ପାଇଁ ବାସନା ମୋହର
ପ୍ରବଳ ଭାରିରେ ପ୍ରବଳ ଭାରି
ନୀଳ ଆକାଶର ପକ୍ଷୀଟିଏ ସମ
ଉଡୁଥାଏ ସିଏ ଦରିଆ ପାରିରେ ଦରିଆ ପାରି ।
କିମ୍ବା
କବି ହେବା ପାଇଁ ବାସନା ମୋହର
କବିତା ଲେଖେ ମୁଁ କବିତା ଲେଖେ
କବିତା ପରମ ପ୍ରେୟସୀ ମୋର
କବିତା ପରମ ଶ୍ରେୟସୀ ମୋର
ଅନ୍ତରେ ତାର ମୂରତି ଦେଖେ ।

ଏହିଭଳି କବି ହୃଦୟରେ ଶହଶହ କଳ୍ପନା ସମୟ ସମୟରେ ଉଦ୍‌ବେଳିତ ହେଉଥାଏ । ତେଣୁ ଏସବୁକୁ କାବ୍ୟର ପ୍ରୟୋଜନ ବୋଲି ମନେକରିବା ଉଚିତ ନୁହେଁ । ଜଣେ କବି ସ୍ୱର୍ଗପ୍ରାପ୍ତିର ଆକାଂକ୍ଷା ବ୍ୟକ୍ତ କରିଥାଏ, ଅନ୍ୟ ଜଣେ ବୀରତ୍ୱ ଭାବନାର ଅଭିବ୍ୟକ୍ତି ପ୍ରଦାନ କଲାବେଳେ କେହି କେହି ଦୀନଦୁଃଖୀମାନଙ୍କର ଜୀବନ ଚିତ୍ର ବର୍ଣ୍ଣନା କରିଥାନ୍ତି । ଏହାର ତାତ୍ପର୍ଯ୍ୟ ନୁହେଁ ଯେ, ସେ କ୍ରମଶଃ ସ୍ୱର୍ଗପ୍ରାପ୍ତି ନିମନ୍ତେ କିମ୍ବା ଯୁଦ୍ଧ କରିବା ନିମନ୍ତେ କିମ୍ବା ଗରିବ ହେବା ପାଇଁ କାବ୍ୟ ରଚନା କରିଥାନ୍ତି । ଏହା ବ୍ୟତୀତ ସବୁ ରଚନାରେ ପଳାୟନ ମନୋବୃତ୍ତି ନଥାଏ । ଏଣୁ ସବୁ କବି ଯେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟକୁ ଭାବିବେ ଏହାର କୌଣସି ମାନେ ନଥାଏ ।

ଅନ୍ୟ କିଛି ବିଦ୍ୱାନଙ୍କ ମତରେ ସବୁବେଳେ କଳା ଜୀବନରେ ପ୍ରବିଷ୍ଟ ହେବା ନିମନ୍ତେ ଉଦ୍ଦିଷ୍ଟ । ତାକୁ ବିଶ୍ଲେଷଣ କଲେ ଜଣାଯାଏ । ମଣିଷ ଜନ୍ମଗ୍ରହଣ କରିବା ମାତ୍ରେ ହିଁ ଜୀବନରେ ପ୍ରବିଷ୍ଟ ହୋଇଥାଏ । ତେଣୁ ଏଠାରେ ଜୀବନର ଅର୍ଥ ଜୀବନର ସୌନ୍ଦର୍ଯ୍ୟ ବା ଜୀବନର ରହସ୍ୟ ।

'ସେବା ପାଇଁ କଳା'- ର ବ୍ୟାଖ୍ୟା କରି ଆଚାର୍ଯ୍ୟ ଗୁଲାବରାୟ କହିଥିଲେ- "ଡ଼ାକ୍ତରଖାନାରେ ରୋଗୀଙ୍କୁ କବିତା ଶୁଣାଇବା, ସଙ୍ଗୀତ ଶୁଣାଇବା କଳାର ସେବାପକ୍ଷ ହୋଇଥାଏ ।" ତେବେ ଏଥିପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୁଏ ଯେ କେବେ ରୋଗୀମାନଙ୍କ ପାଇଁ କବିତା ସୃଷ୍ଟି ହୁଏ । ଅବଶ୍ୟ ମୁମୂର୍ଷୁ ଅବସ୍ଥାରେ ବା ମୃତ୍ୟୁପୂର୍ବରୁ ଦୁଇ ଚାରିପଦ ଭାଗବତ ଶୁଣାଇଲେ କିମ୍ବା ଦେବାଦେବୀ ସ୍ତୁତି ଶୁଣାଇଲେ ଆତ୍ମା ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ । ତାହାର ଅର୍ଥ ନୁହେଁ ଯେ ଜଗନ୍ନାଥ ଦାସ 'ଭାଗବତ'କୁ ରୋଗୀମାନଙ୍କ ନିମନ୍ତେ ବା ସେବା ମନୋଭାବ ନେଇ ଲେଖିଥିଲେ ।

'ଆତ୍ମାନୁଭୂତି ନିମନ୍ତେ କଳା' ଓ 'ଆନନ୍ଦ ପାଇଁ କଳା'- ଏହି ଦୁଇଟି ବିଚାରରେ ପରସ୍ପର ମଧ୍ୟରେ ଏତେ ସାମ୍ୟ ଅଛି ଯେ, ଦୁଇଟିକୁ ଏକ ବୋଲି କୁହାଯାଇପାରେ । କଳାକାରକୁ ଆନନ୍ଦର ଅନୁଭୂତି ତ ହୋଇଥାଏ, ତେବେ ଏହାଠାରୁ ଭିନ୍ନ କୌଣସି ନା କୌଣସି ପ୍ରୟୋଜନ ଅବଶ୍ୟ ରହିଛି । ଅନ୍ୟଥା ସେ ନିଜର ସୃଷ୍ଟିକୁ ସେ ଅନ୍ୟମାନଙ୍କ ସମ୍ମୁଖରେ ପ୍ରସ୍ତୁତ କରିନଥାନ୍ତା । ଯେଉଁ ଆଲୋଚକାମାନେ 'କଳା ମନୋବିନୋଦ ପାଇଁ' ବୋଲି ମନେ କରନ୍ତି, ସେମାନଙ୍କ କଥା ମଧ୍ୟ ଏହା ସହିତ ସମାନ । ମୋ ବିଚାରରେ ଆତ୍ମାନୁଭୂତି, ଆନନ୍ଦ, ମନୋବିନୋଦ ଆଦିର ସମ୍ବନ୍ଧ କଳାକାର ଅପେକ୍ଷା ପାଠକ ଉପରେ ଅଧିକ ହୋଇଥାଏ । ତେବେ ଏକଥା ମଧ୍ୟ ସ୍ୱୀକାର କରାଯାଇପାରେ ଯେ ଅନେକ କବି 'ସୃଜନର ଅବଶ୍ୟ ଆବଶ୍ୟକତା'କୁ ପ୍ରେରିତ ହୋଇ କାବ୍ୟ ରଚନା କରିଥାନ୍ତି । ଏହା ବ୍ୟତୀତ ସେମାନଙ୍କର ଆଉ କୌଣସି ପ୍ରୟୋଜନ ନଥାଏ ।

ଉପରୋକ୍ତ ମନ୍ତବ୍ୟଗୁଡ଼ିକୁ ବିଶ୍ଲେଷଣ କଲେ ଜଣାଯାଏ ଯେ, 'କଳା' କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରୟୋଜନ ନିମନ୍ତେ ସୃଷ୍ଟି ହୋଇନଥାଏ । ସବୁ କବିଙ୍କର ବିଚାରଧାରା ବି ଗୋଟିଏ ପ୍ରକାର ନଥାଏ । କିଛି କବି ସୃଜନର ଅଦମ୍ୟ ଆକାଂକ୍ଷାରେ ପ୍ରେରିତ ହୋଇ କବିତା ରଚନା କଲାବେଳେ; କିଛି ଯଶ, ଧନ ତଥା ମାନମର୍ଯ୍ୟାଦା ପ୍ରାପ୍ତି ଓ ଆଉ କିଛି ନିଜ ଇଷ୍ଟଦେବଙ୍କୁ ବା ଆଶ୍ରୟଦାତାଙ୍କ ସନ୍ତୁଷ୍ଟି ନିମନ୍ତେ ଓ ଅନ୍ୟକିଛି ନିଜ ମତ ବିଚାର ଓ ସିଦ୍ଧାନ୍ତକୁ ପ୍ରଚାର ଦୃଷ୍ଟିରୁ କାବ୍ୟ ରଚନା କରିଥାନ୍ତି ।

ଅଧ୍ୟାପକ, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ-୭୩୧୨୩୫(ପ.ବ)
ଦୂରଭାଷ : ୯୭୪୯୭୭୩୪୯୯